# ତହସିଲଦାରଙ୍କ କାର୍ଯ୍ୟାଳୟ,ବାଲିପାଟଣା ଜିଲ୍ଲା-ଖୋର୍ଦ୍ଧା

ବିଜ୍ଞପ୍ତି ସଂଖ୍ୟା - 2451 ସୈରାତ/ତା- 28.06.2022

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ-2004 ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ-2016 ଅନୁଯାୟୀ ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାଲିପାଟଣା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ (Anexure-1 ରେ ପ୍ରଦତ୍ତ) ଗୁଡିକୁ ଆସନ୍ତା ୫ (ପାଞ୍ଚ ବର୍ଷ) ନିମନ୍ତେ ଦୀର୍ଘ ମିଆଦି ଲିଜ ସୁତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ।

**ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟ ବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ** । ଲିଜ ନେବା ପରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓ OMMC – RULE -2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ Sealed Cover ରେ ଆବେଦନ କରିବେ ।

1-OMMC – Rule -2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୁରଣ ହୋଇଥିବା ଏବଂ ଦରଖାସ୍ତ କାରୀ ଙ୍କ ଦ୍ୱାରା ଦସ୍ତଖତ କରା ଯାଇଥିବା 3 କିତା Form M (3 Copies) ଦାଖଲ କରିବେ ।

2-ଦରଖାସ୍ତ ଫି ବାବଦକୁ ଟ.1000 (ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ( Head of Account- 0853- Non Ferrous Mining & Meteorological Industries – 102- Mineral Concession Fees Rent of Royalties ) ଦାଖଲ କରିବେ । ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

3-ଉତ୍ସ ର ନାମ, ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ ।

4-ଦରଖାସ୍ତ କାରୀ ଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟ ପାଠ ଦାଖଲ କରିବେ ।

5-ଦରଖାସ୍ତ କାରୀ 18 ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guaranty ଦାଖଲ କରିବେ । ଯାହାର ସର୍ବ ନିମ୍ନ ମୂଲ୍ୟ ସୈରାତ ଉତ୍ସ ର ସର୍ବନିମ୍ନ ଧାର୍ଯ୍ୟ ଉତ୍ତଳନ ପରିମାଣ (Minimum Guaranteed Quantity ) × ( Royalty + Offered Additional Charges by Participant ) ହେବା ଆବଶ୍ୟକ । Anexure -1 କ୍ରମାନୁସାରେ ସୈରାତ ଉତ୍ସ ଗୁଡିକୁ ନିଲାମକୁ ନିଆଯିବ । ଦରଖାସ୍ତ କାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Solvency Certificate କିମ୍ବା Bank Guaranty ମୂଲ୍ୟ କୁ ଗ୍ରହଣ କରାଯିବ । ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି Anexure -1 ର କ୍ରମାନୁଯାୟୀ Solvency Certificate କିମ୍ବା Bank Guaranty ମୂଲ୍ୟକୁ ଗ୍ରହଣ କରାଯିବ ।

Scanned with CamScanner

6-ଦରଖାସ୍ତ କାରୀ ଆବେଦନ କରୁଥିବା ସୈରାତ ଉତ୍ସ ର EMD (Earnest Money Deposit ) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଯମା କରିବେ, ଯାହାର ପରିମାଣ (Minimum Guaranteed Quantity ) × ( Royalty + Additional Charges Specified in the notice ) ର ଶତକଡା 5 % ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ Tahasildar, Balipatna ଙ୍କ ନାମରେ କରିବା ବାଞ୍ଛନୀୟ । ନଚେତ ଦରଖାସ୍ତଟିକୁ ବିଚାର କୁ ନିଆଯିବ ନାହିଁ ।

7-ଦରଖାସ୍ତ କାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଏବଂ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଲଗ୍ନ କରି ପାରନ୍ତି ।

8-ଦରଖାସ୍ତ କାରୀ ଗତ ବର୍ଷର ଆୟକର ଦାଖଲ ( Income Tax Return Filling ) ବିବରଣୀ ର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

9-ଦରଖାସ୍ତ କାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସ କୁ ପରି ଦର୍ଶନ କରି ଥିବାର ଏକ ସ୍ୱ ଘୋଷିତ ଲିଖିତ ନାମା (Self – Declaration ) ଦାଖଲ କରିବେ ।

10-ଦରଖାସ୍ତ କାରୀ ସୈରାତ ଉତ୍ସର Mining Plan EC Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟ ପାଠ ଦାଖଲ କରିବେ ।

11-ଦରଖାସ୍ତ କାରୀ ବନ୍ଦ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରୀ ଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଲଫାପାରେ Registered Post / Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସ ରେ ତା- 30.06.2022 ରିଖ ଠାରୁ ତା- 13.07.2022 ମଧ୍ୟରେ ଅପରାହ୍ନ 5.30 ଘଟିକା ସୁଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ତା-13.07.2022 ରିଖ ଅପରାହ୍ନ 5.30 ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ତା-14.07.2022 ରିଖ ପୂର୍ବାହ୍ନ 11 ଘଟିକା ସମୟରେ ବାଲିପାଟଣା ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rule – 2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ ଦର ଉଲ୍ଲେଖ କରି ଥିବା ଦରଖାସ୍ତ କାରୀ ଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରି ଦିଆଯିବ ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତା- 20.07.2022 ରିଖ ଅପରାହ୍ନ 5.30 ମି ପର୍ଯ୍ୟନ୍ତ ପୂନର୍ବାର Registered Post / Speed Post / Tender Box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା-21.07.2022 ରିଖ ପୂର୍ବାହ୍ନ 11 ଘଟିକା ସମୟରେ ବାଲିପାଟଣା ତହସିଲ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

Scanned with CamScanner

ସେହିପରି ଯଦି କୌଣସି ସୈରାତ ଉସ୍ର ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇ ପାରେ ତେବେ ତାହା ତା-26.07.2022 ରିଖ ଅପରାହ୍ନ 5.30 ମି ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / Tender Box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତ- 27.07.2022 ରିଖ ପୂର୍ବାହ୍ନ 11 ଘଟିକା ସମୟରେ ବାଲିପାଟଣା ତହସିଲ କାର୍ଯ୍ୟାଳୟ ବାଲିପାଟଣା ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଯାଇ ପ୍ରାପ୍ତ ହୋଇ ଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

ଠିକଣା

ତହସିଲଦାର, ବାଲିପାଟଣା

ସା/ପୋ-ବାଲିପାଟଣା, ଜି-ଖୋର୍ଦ୍ଧା

ପିନ-752102

26/07/22

ତହସିଲଦାର, ବାଲିପାଟଣା

TAHASILDAR
BALIPATNA

Scanned with CamScanner

# ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ- | ବାଲିଘାଟ ନାମ ଏବଂ କେସନଂ- | ମୌଜା | ଖାତା | ପ୍ଲଟ | ରକବା | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ | ଅତିରିକ୍ତ ଦେୟ (ପ୍ରତି ଘନମିଟର ) | M.G.Q ଅନୁସାରେ ବାର୍ଷିକ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶିର ପରିମାଣ |
|---|---|---|---|---|---|---|---|---|---|---|
| 1 | କୁଶଭଦ୍ରା ନଦୀ ବାଲିଘାଟ M.M Case No-2/2020-2021 | ଅଭୟ ମୁଖି | 1649 | 1541<br>4936 | 5.410<br>6.140 | ନଦୀ | 35.00 | 15.00 | 9040 | 22600 |
| 2 | ଏଜନ | ଭଅଁରା ଗଡ | 620 | 326<br>181/1865 | 5.600<br>6.290 | ନଦୀ | 35.00 | 15.00 | 8200 | 20500 |

ଟହସିଲଦାର,ବାଲିପାଟଣା

TAHASILDAR
BALIPATNA

Scanned with CamScanner